## ବାଇକ୍ ଡିକି ଭାଙ୍ଗି ୧ଲକ୍ଷ ଟଙ୍କା ନେଇଗଲେ

ପାଟଣା,(ସ୍ୱ.ପ୍ର): କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ରାସ୍ତାର ଶିବନାରାୟପୁର ଛକ ନିକଟରେ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଲୁଟର ଶିକାର ହୋଇଥିବା ଟାଙ୍ଗରପଡ଼ା ଗ୍ରାମର କପଡ଼ା ବ୍ୟବସାୟୀ ମାଧବାନନ୍ଦ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ମାଧବାନନ୍ଦ ପାଟଣା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇ ସିମେଣ୍ଟ ଦୋକାନ ସମ୍ମୁଖରେ ବାଇକ ରଖି ଦୋକାନକୁ ଯାଇଥିଲେ। ସେ ସମୟରେ ୨ ଦୁର୍ବୃତ୍ତ ଆସି ବାଇକ୍ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

### ସଂକ୍ଷେପରେ

## ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ



ଢେଙ୍କିକୋଟ,୧୭।୨(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ ଫରେଷ୍ଟ କାର୍ଯ୍ୟାଳୟ ଅନ୍ତର୍ଗତ କତ୍ରାବେଢ଼ା ଗ୍ରାମରୁ ବନବିଭାଗ ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ କରିଛି। ଅନ୍ଧାରର ସୁଯୋଗ ନେଇ କାଠ ଚୋର ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଫରେଷ୍ଟର ଜତୀନ୍ଦ୍ର ସାହୁ, ଫରେଷ୍ଟ ଗାର୍ଡ ଅନିତା ରାଉତ, ଯାଜ୍ଞସେନୀ ଗୋଛାୟାତ ଏବଂ ପାରାଷ୍ଟାଫ ଗୁରୁବାର ରାତିରେ କତ୍ରାବେଢ଼ା, ମନହରପୁର, ସୀତାବିଞ୍ଜ ଏବଂ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ହାତୀ ପଲଙ୍କ ଗତିବିଧି ଠାବ କରିବା ନିମନ୍ତେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କତ୍ରାବେଢ଼ା ମନହରପୁର ରାସ୍ତା କଡ଼ରେ ଦୁର୍ବୃତ୍ତ ୨ ମୂଲ୍ୟବାନ ଶାଳ ଗଛ କାଟି ନେବାକୁ ଉଦ୍ୟମ କରୁଥିଲେ। ବନ ବିଭାଗ ଗାଡ଼ି ଦେଖି ଝାଡ଼ଖଣ୍ଡ ଅଞ୍ଚଳର କରତ କଟାଳି ଏବଂ କାଠ ବେପାରୀମାନେ ଅନ୍ଧାରର ସୁଯୋଗରେ ଦୌଡ଼ି ପଳାଇଥିଲେ। ବନ ବିଭାଗ ଟ୍ରାକ୍ଟର ଯୋଗେ କାଠ ଗଣ୍ଡି ଆଣି ଢେଙ୍କିକୋଟ ଫରେଷ୍ଟ କାର୍ଯ୍ୟାଳୟରେ ରଖିଥିବା ଫରେଷ୍ଟ ଗାର୍ଡ ଅନିତା ରାଉତ କହିଛନ୍ତି।

## ଧାମନଗର ହାଇସ୍କୁଲର ବାର୍ଷିକୋତ୍ସବ

ଧାମନଗର,୧୭।୨ (ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ସରକାରୀ ହାଇସ୍କୁଲର ୭୫ତମ ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ଆମ ଦେଶର ଭବିଷ୍ୟତ। ମନ ଦେଇ ପାଠ ପଢ଼ିଲେ ଜଣେ ଜଣେ ଭଲ ମଣିଷ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ର, ମୁରଲୀଧର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ମହେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଭାସ୍କର ଦାସ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ହର୍ଷବର୍ଦ୍ଧନ ଜିଲା ବିଜୁ ଛାତ୍ର ଉପସଭାପତି

ମୋରଡ଼ା,୧୭।୨(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ବିଜୁ ଛାତ୍ର ଜନତା ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ମୟୂରଭଞ୍ଜ ଜିଲାର ଛାତ୍ର ନେତା ତଥା ମୋରଡ଼ା ବ୍ଲକ୍ର ଯୁବ ସାମାଜିକ କର୍ମୀ ହର୍ଷବର୍ଦ୍ଧନ ମୁଦୁଲିଙ୍କୁ ଜିଲା ଛାତ୍ର ଜନତା ଦଳ-୧ର ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ବିଜୁ ଛାତ୍ର ଜନତା ଦଳର ପୁନର୍ଗଠନ କରାଯାଇ ହର୍ଷବର୍ଦ୍ଧନଙ୍କୁ ଏହି ପଦବୀ ପ୍ରଦାନ କରାଯାଇଛି। ଏନେଇ ବିଜେଡି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ନାମ ଘୋଷଣା କରାଯାଇଛି। ହର୍ଷବର୍ଦ୍ଧନ ବିଜୁ ଯୁବ ଜନତା ଦଳର ସମ୍ପାଦକ ଥିଲେ। ନୂଆ ପଦବୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ରାଜ୍ୟ ସମ୍ପାଦକ କୃଷ୍ଣ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଶିକ୍ଷାବିତ୍ ଇଂ. ସୁଶୀଲ ସିଂଙ୍କ ପରଲୋକ

ନୀଳଗିରି,୧୭।୨(ସ୍ୱ.ପ୍ର)- ନୀଳଗିରିର ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜା କିଶୋର ଚନ୍ଦ୍ର ଏକାଡେମୀ ଅଫ୍ ଟେକ୍ନୋଲୋଜି (ଆର୍କେସିଏଟି)ର ପ୍ରତିଷ୍ଠାତା ଇଂ. ସୁଶୀଲ ସିଂଙ୍କ ଶୁକ୍ରବାର ପରଲୋକ ଘଟିଛି। ଏନେଇ



ସମଗ୍ର ନୀଳଗିରି ଉପଖଣ୍ଡରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବିଜେଡି ନେତା ସନ୍ତୋଷ ଖଟୁଆ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍ଏସି ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ସମେତ ବହୁ ବିଜେଡି ଓ ଭାଜପା ନେତା, ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ରାସ୍ତା ଖୋଳାକୁ ନେଇ ଉତ୍ତେଜନା

ଲଙ୍ଗଳେଶ୍ୱର,୧୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାଉଡ଼ି ପଞ୍ଚାୟତର ମହାନ୍ତି ଛକଠାରେ ସରକାରୀ ରାସ୍ତାକୁ ରାତି ଅଧରେ ଜେସିବି ମେଶିନ ଲଗାଇ ଖୋଳି ଦିଆଯିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଯାତାୟତ ବାଧାପ୍ରାପ୍ତ ହେବାରୁ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ସୂଚନା ଅନୁଯାୟୀ, ସାଉଡ଼ି ପଞ୍ଚାୟତର ମହାନ୍ତି ଛକ ଦେଇ ଯାଇଥିବା ଏହି ରାସ୍ତା ଉପରେ ୫ଟି ପଞ୍ଚାୟତର ହଜାର ହଜାର ଲୋକେ ଯାତାୟତ କରିବା ସମେତ ସ୍କୁଲ ଏବଂ ଅଙ୍ଗନୱାଡ଼ି ପିଲାମାନେ ଯିବା ଆସିବା କରିଥାନ୍ତି। ପୂର୍ବରୁ ଏଠାରେ ଥିବା ମାଟିରାସ୍ତା ଉପରେ ଯାତାୟାତ କରୁଥିବା ଲୋକମାନେ ଅନେକ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ୨୦୦୨ରେ ତତ୍କାଳୀନ ସରପଞ୍ଚ ନବୀନ ମହାନ୍ତି ସରକାରୀ ଅନୁଦାନରେ



ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ଗ୍ରାମବାସୀ।

### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ପକ୍କା ରାସ୍ତା ନିର୍ମାଣ କରିଥିଲେ। ତେବେ ଗତ ଗୁରୁବାର ପୂର୍ବତନ ସରପଞ୍ଚ ମହାନ୍ତି ଉକ୍ତ ଢ଼ଳାଇ ରାସ୍ତାକୁ ନିଜ ରାସ୍ତା ବୋଲି ଦାବି କରି ଜେସିବି ମେଶିନ ଦ୍ୱାରା ରାତି ଅଧରେ ତାଡ଼ି ପକାଇଛନ୍ତି। ଏନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଉତ୍ତ୍ୟକ୍ତ ଲୋକେ ଲଙ୍ଗଳେଶ୍ୱର-କଷାଫଳ ମୁଖ୍ୟରାସ୍ତାର ମହାନ୍ତି ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ସିଂଲା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ପୂର୍ବତନ ସରପଞ୍ଚ ମହାନ୍ତିଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

# ମୟୂରଭଞ୍ଜକୁ ଅବହେଳା କରାଯାଇନାହିଁ: ରେଳମନ୍ତ୍ରୀ



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଆଲୋଚନା।

ବାରିପଦା ଅଫିସ,୧୭।୨

### ରେଳପଥର ବିକାଶ ନେଇ ୨ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

ମୟୂରଭଞ୍ଜ ଏମ୍ପି ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ରେଳ ବଜେଟ୍ରେ ଜିଲା ପାଇଁ ଦିଆଯାଇଥିବା ଦାବି ଗୁଡ଼ିକ ସମ୍ପର୍କରେ ଗୁରୁବାର ଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ସର୍ଭେ କାର୍ଯ୍ୟ ସମାପ୍ତ ହେବା ପରେ କ୍ୟାବିନେଟ ଅନୁମୋଦନ ପାଇଁ ପଠାଇ ଖୁବଶୀଘ୍ର ଅର୍ଥ ବ୍ୟୟବରାଦ, କାର୍ଯ୍ୟ ଆରମ୍ଭ ହେବ ବୋଲି ରେଳମନ୍ତ୍ରୀ ପ୍ରକାଶ କରିଛନ୍ତି। ରେଳ ବଜେଟରେ ଜିଲାକୁ ଏକ ହଜାର ଟଙ୍କା ଦିଆଯିବା ଘଟଣାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରେଜ ବଜେଟକୁ ନେଇ ଉପୁଜିଥିବା ଦ୍ୱନ୍ଦ୍ୱକୁ ନେଇ ଉତ୍ତରରେ ଜିଲାକୁ କୌଣସି ଅବହେଳା କରାଯାଇନାହିଁ ବୋଲି ରେଳମନ୍ତ୍ରୀ କହିଥିଲେ।

ଜିଲାର ପ୍ରମୁଖ ରେଳପଥ ବୁଢ଼ାମରା-ଚାକୁଳିଆ, ବାଙ୍ଗରିପୋଷି-ଗୋରୁମହିଷାଣୀ ଓ ବାଦାମପାହାଡ଼-କେନ୍ଦୁଝରର ସର୍ଭେ କାର୍ଯ୍ୟ ସମାପ୍ତ ହୋଇସାରିଥିଲେ ମଧ୍ୟ ଚଳିତ ବଜେଟ୍ରେ କୌଣସି ଅନୁଦାନ ଦିଆ ନ ଯିବାରୁ ଜିଲାବାସୀଙ୍କ ମନରେ ଗଭୀର ଆଘାତ ଦେଇଛି। ତେବେ ଏହାକୁ ନେଇ ଜଳଶକ୍ତି ମନ୍ତ୍ରୀ ଟୁଡୁଙ୍କ ସହ ଆଲୋଚନା ପରେ ବାଙ୍ଗରିପୋଷିଠାରୁ ଗୋରୁମହିଷାଣୀ ଏବଂ କେନ୍ଦୁଝରଠାରୁ ବାଦାମପାହାଡ଼ ନୂତନ ରେଳପଥ ନିର୍ମାଣ ପାଇଁ ଭାରତ ସରକାର ସହମତି ଦେଇସାରିଛନ୍ତି। କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ଦ୍ୱାରା ୧୧ ନଭେମ୍ବର ୨୦୨୨ରେ ଜାରି ହୋଇଥିବା ପତ୍ର ସଂଖ୍ୟା ୩୩୯୬୯୮୨ ଅନୁଯାୟୀ ଜିଲାର ଏହି ଦୁଇଟି ନୂତନ ରେଳପଥର ନିର୍ମାଣ ଫାଇନାଲ ଲୋକେସନ ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଏକ ମାସରୁ ଦୁଇ ମାସ ମଧ୍ୟରେ ସମାପ୍ତ ହେବା ପରେ ବଜେଟ ନିର୍ଦ୍ଧାରିତ କରାଯିବ। ପରେ ଅର୍ଥ ଅନୁମୋଦନ ପାଇଁ କ୍ୟାବିନେଟକୁ ପଠାଯିବ। ସେହିପରି ଦୀର୍ଘଦିନ ଧରି ଅପେକ୍ଷାରେ ଥିବା ବୁଢ଼ାମରା-ଚକୁଳିଆ ନୂତନ ରେଳ ଲାଇନର ଫାଇନାଲ ଲୋକେସନ ନିମନ୍ତେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରେଳମନ୍ତ୍ରୀ ବୈଷ୍ଣବ ସ୍ପଷ୍ଟ କରିଛନ୍ତି। ଶୀଘ୍ର ଏହାର ସର୍ଭେ କାର୍ଯ୍ୟ ସମାପ୍ତ ହେବା ପରେ ଅର୍ଥ ଅନୁମୋଦନ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହି ପ୍ରକଳ୍ପ ଗୁଡ଼ିକ ଚଳିତ ବଜେଟରେ ରଖାଯାଇ ନ ଥିଲା। ତେବେ ଏହି ତିନୋଟି ପ୍ରକଳ୍ପ ଆରମ୍ଭ କରିବାରେ ଅର୍ଥର ଅଭାବ ରହିବ ନାହିଁ ବୋଲି କହିବା ସହ ବିଭାଗଠାରେ ଥିବା କଣ୍ଟିଜେନ୍ସି ଫଣ୍ଡରୁ ଏହି କାର୍ଯ୍ୟକୁ ଆରମ୍ଭ କରାଯିବ ବୋଲି କହିଥିଲେ। ସେହିପରି ଅମୃତ ଭାରତ ଷ୍ଟେଶନ ଯୋଜନାରେ ରାଜ୍ୟର ୫୭ଟି ରେଳ ଷ୍ଟେଶନ ମଧ୍ୟରେ ଜିଲାର ବାରିପଦା, ବେତନଟୀ, ବାଙ୍ଗରିପୋଷି ଓ ରାଇରଙ୍ଗପୁର ଷ୍ଟେଶନର ଆଧୁନିକକରଣ ପାଇଁ ଅର୍ଥ ବ୍ୟୟ ବରାଦ କରାଯାଇଛି। ନୂତନ ରେଳ ପ୍ରକଳ୍ପ ମଧ୍ୟରେ ନୀଳଗିରିରୁ ଟାଟା ଭାୟା କପ୍ତିପଦା, ଉଦଳା, ଖୁଣ୍ଟା ଏବଂ ବାରିପଦା ଷ୍ଟେଶନର ସର୍ଭେ କାର୍ଯ୍ୟ ଜାରି ରହିଛି। କୌଣସି ରାଜନୀତି ନ କରି ସମସ୍ତେ ସହଯୋଗ କରିବାକୁ ମନ୍ତ୍ରୀ ବୈଷ୍ଣବ ଅନୁରୋଧ କହିଥିଲେ।

## 'ସାମାଜିକ,ଅର୍ଥନୈତିକ ବିକାଶ ବିନା ବିକଶିତ ରାଷ୍ଟ୍ର ପରିକଳ୍ପନା ଅସମ୍ଭବ'




କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ,୧୭।୨

### ଆଣ୍ଡ୍ ତାଇୱାନ୍ ଷ୍ଟ୍ରେଟ୍: ସିମ୍ଲେସ୍ କନେକ୍ଟ' ପ୍ରାସଙ୍ଗିକ କର୍ମଶାଳା

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଇଣ୍ଡୋ-ପାସିଫିକ୍ ଆଣ୍ଡ୍ ତାଇୱାନ୍ ଷ୍ଟ୍ରେଟ୍: ସିମ୍ଲେସ୍ କନେକ୍ଟ'' ପ୍ରସଙ୍ଗକୁ ନେଇ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଇୱାନ୍-ଅର୍ଥନୈତିକ ଓ ସାଂସ୍କୃତିକ କେନ୍ଦ୍ର ପ୍ରତିନିଧି ନୂଆଦିଲ୍ଲୀର ପ୍ରଫେସର ମୁନିନ୍ ଚେନ୍, ଡ. ରୂପ ନାରାୟଣ ଦାସ, ଡ. ଚନ୍ଦନ ପାଣିଗ୍ରାହୀ ପ୍ରମୁଖ ଭିତ୍ତି ପ୍ରବକ୍ତା ଭାବରେ ଯୋଗଦେଇ ସାମାଜିକ-ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ବିନା ଏକ ବିକଶିତ ରାଷ୍ଟ୍ରର ପରିକଳ୍ପନା ସୁଦ୍ଧା କରାଯାଇ ପାରିବ ନାହିଁ, ଏଥି ନିମିତ୍ତ ଅନ୍ତର୍ଜାତୀୟସ୍ତରରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଉତ୍ତମ ବୁଝାମଣା ଓ ବିଶ୍ୱ ଭ୍ରାତୃଭାବ ଏକାନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ।

କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ପ୍ରାଧାନ୍ୟ ଦେଇ ରାଷ୍ଟ୍ରୀୟ ଅସ୍ମିତାକୁ ଉନ୍ନତିର ଚରମ ସ୍ତରକୁ ନେଇଯିବାର ମାନସିକତା ନ ରହିଲେ ଦେଶଦେଶ ଓ ମଣିଷ ମଣିଷ ମଧ୍ୟରେ ଏକ ବାଧକମୁକ୍ତ ଯୋଗସୂତ୍ର ରକ୍ଷା ବି ସମ୍ଭବ ହୋଇପାରେ ନାହିଁ ବୋଲି ମତ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏହି ଆଲୋଚନା ଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାଜ ବିଜ୍ଞାନ ବିଭାଗର ପ୍ରଫେସର ସୁନୀଲ ପାଢ଼ୀ ନିଷ୍କର୍ଷ କଥନ ସହିତ ଅନୁଷ୍ଠାନିକ ଭାବେ କୃତଜ୍ଞତା ଜ୍ଞାପନ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

ଭୋଗରାଇ,୧୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ନଥିପୁର ଗ୍ରାମର ଜଣେ ଚାଷୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ହେଲେ ରାମଚନ୍ଦ୍ର ମୁଖୀ (୬୧)। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ସେ ଧାନଜମିକୁ ପାଣି ମଡ଼ାଇବାକୁ ଯାଇଥିଲେ। ସେଠାରେ ପାଣିପମ୍ପକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପାଖ ଜମିରେ କାମ କରୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କମର୍ଦ୍ଦା ଥାନା ଭାରପ୍ରାପ୍ତ ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୩) ରୁଜୁ ହୋଇଛି।

## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

ଗୋପବନ୍ଧୁ ନଗର,୧୭।୨(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଖୁଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଚିହ୍ନଟ ଦିବ୍ୟାଙ୍ଗ ପିଲାମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଖୁଣ୍ଟା ଓ ଗୋପବନ୍ଧୁ ନଗର ଉଭୟ ବ୍ଲକ୍ର ମୋଟ ୭୨ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ହୁଇଲ ଚେୟାର, ସିପି ଟଏଲେଟ, ରୋଲେଟର ପ୍ରମୁଖ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧନ କର୍ମୀ ପ୍ରମୋଦ ପ୍ରଧାନ, ଫକୀର ମୋହନ ବେହେରା ଓ ପ୍ରତିମା ମହାପାତ୍ର ସଞ୍ଚାଳନ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ତହସିଲଦାର ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ନଗର ବ୍ଲକ୍ ବିଆରସିସି କୁଳମଣି ନାଏକ ଓ ଖୁଣ୍ଟା ବ୍ଲକ୍ ବିଆରସିସି ବୃନ୍ଦାବନ ମାରାଣ୍ଡି ଯୋଗଦେଇ ଦିବ୍ୟାଙ୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ବକ୍ତବ୍ୟ ରଖିଥିଲେ।

# ଫର୍ମେଟିଭ ଆସେସ୍ମେଣ୍ଟ ପରୀକ୍ଷା ବାତିଲ



ଧାରଣା ସ୍ଥଳରେ ସ୍ୱୟଂ ସହାୟିକା ମହିଳା ଓ ସ୍କୁଲ ଆସିଥିବା ଛାତ୍ରୀଛାତ୍ର।

ପାଟଣା,୧୭।୨(ସ୍ୱ.ପ୍ର)

- କୁଣ୍ଡୁଳା ସ୍କୁଲରେ ୱାଚ୍ ମ୍ୟାନ, ସୁଇପର ନିଯୁକ୍ତି ବିବାଦ
- ଦ୍ୱିତୀୟ ଦିନରେ ସ୍ୱୟଂ ସହାୟିକା ମହିଳାଙ୍କ ଧାରଣା ଜାରି

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କୁଣ୍ଡଳା ପଞ୍ଚାୟତ ମିରିଗିଖୋଜି କୁଣ୍ଡୁଳା ହାଇସ୍କୁଲରେ ୱାଚମ୍ୟାନ ଓ ସୁଇପର ନିଯୁକ୍ତି ନେଇ ବିବାଦ ଲାଗିରହିଛି। ଏନେଇ ଗୁରୁବାର ୧୨ ସ୍ୱୟଂ ସାହାୟକ ଗୋଷ୍ଠୀର ଶତାଧିକ ମହିଳା ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିବା ଧାରଣା ଶୁକ୍ରବାର ବଳବତର ରହିଥିଲା। ଫଳରେ ସ୍କୁଲରେ ଚାଲିଥିବା ଫରମେଟିଭ ଆସେସମେଣ୍ଟ ପରୀକ୍ଷା ବାତିଲ ହୋଇଛି।

ମହିଳାମାନେ ଜିଦ୍ରେ ଅଟଳ ରହି ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକ ଆଗରୁ ଉଠି ନ ଥିଲେ। ବିଦ୍ୟାଳୟ ଭିତରକୁ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ପ୍ରବେଶ କରି ପାରି ନ ଥିଲେ। ଫଳରେ ଚାଲିଥିବା ନବମ ଓ ଦଶମ ଶ୍ରେଣୀର ଏଫଏଫୋର( ଫରମେଟିଭ ଆସେସ ମେଣ୍ଟ) ପରୀକ୍ଷାକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତାରା ଚାନ୍ଦ ମହାନ୍ତ ବାତିଲ କରିଥିଲେ। ମଧ୍ୟାହ୍ନ ୧.୩୦ରେ ସ୍ଥାନୀୟ ସରପଞ୍ଚ ଶତ୍ରୁଘନ ନାଏକଙ୍କୁ ସିଡିପିଓ ଦୀପ୍ତିମୟୀ ନାଏକ ପଠାଇ ଆସନ୍ତା ବୁଧବାର ବିଡିଓ ବିଜୟ ନାୟକ, ସିଡିପିଓ ନାୟକ, ମିଶନ ଶକ୍ତିର ଏମବିକେ ମେନକା ମହାନ୍ତଙ୍କ ଉପସ୍ଥିତିରେ ସମସ୍ୟା ଉପରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୁଧବାର ସମସ୍ୟା ସମାଧାନ ନ ହେଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ମହିଳା ଗୋଷ୍ଠୀ ଚେତାବନୀ ଦେଇଛନ୍ତି।

## ଚାଳକଙ୍କୁ ମାଡ଼ମାରି ଲୁହାପଥର ବୋଝେଇ ହାଇୱା ନେଇଗଲେ

ବଡ଼ବିଲ,୧୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଭଦ୍ରାସାହି-ଯୋଡ଼ା ରାସ୍ତାରେ ଚାଳକଙ୍କୁ ମାଡ଼ମାରି ଦୁର୍ବୃତ୍ତ ଏକ ଲୁହାପଥର ବୋଝେଇ ହାଇୱା ନେଇଯାଇଛନ୍ତି। ଟ୍ରକରେ ୧୮.୧୨୦ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିବା ଚାଳକ ସୁରେନ୍ଦ୍ର କହାର କହିଛନ୍ତି। ୩ ଦୁର୍ବୃତ୍ତ ବାସୁଦେବପୁରଠାରୁ ପ୍ରାୟ ୧ କିଲୋମିଟର ଦୂର ଚମ୍ପୁଆ ରାସ୍ତାରେ ଚାଳକଙ୍କ ମୁହଁ ହାତ ବାନ୍ଧି ମୋବାଇଲ ଓ ୧ହଜାର ୫ ଶହ ଟଙ୍କା ଥିବା ପର୍ସ ନେଇ ତାଙ୍କୁ ଏକ ଗଛରେ ବାନ୍ଧିଦେଇଥିଲେ। କୌଣସି ମତେ ଚାଳକ ସେଠାରୁ ଖସି ଭଦ୍ରାସାହି ପହଞ୍ଚି ମାଲିକଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଖବର ପାଇ ହାଇଭା ଟ୍ରକ୍ ମାଲିକ ଏମ୍ଡି ମାଇକେଲ ଅହମଦ ବଡବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ (ନଂ. ୪୯/୨୩)ରେ ମାମଲା ରୁଜୁ କରି ତଦନ୍ତ କରୁଛି।

## ଚଳଚଞ୍ଚଳ ତପନେଶ୍ୱର ପୀଠ

ଧୁଷୂରୀ, ୧୭।୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ଇଛଦା ଗ୍ରାମରେ ଥିବା ତପନେଶ୍ୱର ପୀଠ ଜାଗର ଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି। ଶନିବାର ମହାଶିବରାତ୍ରି ଉପଲକ୍ଷେ ମନ୍ଦିର ପରିସର ସଜ୍ଜିତ କରାଯାଇଛି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତି ଗୋଟାଏରେ ମହାଦୀପ ଉଠିବ ବୋଲି କୁହାଯାଇଛି।

ମନ୍ଦିର ପୂଜକ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବା ଅନୁଯାୟୀ, କେଲୁ ତ୍ରିପାଠୀ ନାମକ ଗ୍ରାମର ଜଣେ ବ୍ୟକ୍ତି ଜଙ୍ଗଲ ଜମିରେ ଚାଷ ପାଇଁ ହଳ କରୁଥିବା ବେଳେ ଲଙ୍ଗଳ ମୁନ ବାଜି ଏକ ଶବ୍ଦ ହୋଇଥିଲା। ସେହି ସ୍ଥାନରୁ ପଥର ଖଣ୍ଡରୁ ରକ୍ତସ୍ରାବ ହେଉଥିବା ଦେଖି ସେ ଭୟଭୀତ ହୋଇଥିଲେ। ସେଠାରେ ମନ୍ଦିର ଗଢ଼ି ପୂଜାର୍ଚ୍ଚନା କରିବା ପାଇଁ ରାତିରେ ତାଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ ଝାଟି ମାଟି ବେଢ଼ା ତିଆରି କରି ବାବା ସ୍ୱପ୍ନେଶ୍ୱର ନାମ ରଖାଯାଇଥିଲା। ରେବ ନଦୀ କୂଳରେ



ତପନେଶ୍ୱର ମନ୍ଦିର।

ଅବସ୍ଥିତ ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା। ପୂର୍ବ ଦିଗରୁ ସୂର୍ଯ୍ୟଙ୍କର ପ୍ରଥମ କିରଣ ପୀଠ ଉପରେ ପଡୁଥିବାରୁ ପରେ ନାମ ପରିବର୍ତ୍ତନ କରାଯାଇ ତପନେଶ୍ୱର ରଖାଗଲା। ୨୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନ୍ଦିର। ଲୋକକଥା ଅନୁଯାୟୀ ଏଠାରେ ମାନସିକ କଲେ ଧାରଣାରେ ରହିଲେ ବହୁ ଦୂରାରୋଗ୍ୟରୁ ଆରୋଗ୍ୟ ହେବା ସହ ମନସ୍କାମନା ପୂରଣ ହୁଏ। କେଲୁଙ୍କ ପରେ ତାଙ୍କ ବଂଶଧରମାନେ ପୂଜାରେ ନିୟୋଜିତ ଅଛନ୍ତି। ପରେ ମନ୍ଦିର ବେଢ଼ା, ନାଟମନ୍ଦିର, ଗର୍ଭଗୃହ ଆଦି ସହ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ନିର୍ମିତ ହୋଇଛି।

# ମହାଶିବରାତ୍ରି ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଆରଡ଼ି, ୧୭।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠ ଦୁଇବର୍ଷ ପରେ ପୁଣି ମହାଶିବରାତ୍ରିରେ ଉତ୍ସବମୁଖର ହେବ। ଏଥିନିମନ୍ତେ ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ଦ୍ୱାରା ଶିବରାତ୍ରି ନୀତିକାନ୍ତି ପ୍ରସ୍ତୁତ ହୋଇସାରିଛି। ଶୁକ୍ରବାରଠାରୁ ପୀଠରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଫେଇ ସହ ବ୍ଲିଚିଂ ପାଉଡର ପକାଇ ପରିଷ୍କାର କରାଯାଇଛି। ଏଥର ୨ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଶୁକ୍ରବାର ଏସ୍ପି ବରୁଣ ଗୁଣ୍ଟୁପାଲି ଓ ଉପଜିଲାପାଳ ମନୋଜ ପାତ୍ର ପୀଠକୁ ଆସି ଶିବରାତ୍ରି ପ୍ରସ୍ତୁତି ସମ୍ପର୍କରେ ସେବାୟତମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ବହୁସଂଖ୍ୟକ ପୋଲିସ ପୀଠରେ ପହଞ୍ଚି ସାରିଛନ୍ତି।

ଶନିବାର ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯିବା ସହ ମଙ୍ଗଳ ଆଳତି କରାଯିବ ଓ କନିକା ରାଜାଙ୍କ ଦ୍ୱାରା ପହିଲି ଘର୍ଷଣ ଭୋଗ ଲାଗି କରାଯିବ। ୫ଟା ୧୫ରେ ପାଳି ସେବାୟତଙ୍କ ଦ୍ୱାରା ପହିଲି ଖେଚୁଡ଼ି ଭୋଗ ପ୍ରଭୁଙ୍କୁ ସମର୍ପଣ କରାଯିବ। ପ୍ରାତଃ ୫ଟା ୪୫ରୁ ରାତ୍ର ୧୧ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣରେ ଦିଅଁ ଦର୍ଶନ ସହ ଘର୍ଷଣ ଭୋଗ ଲାଗି ହେବ। ରାତି ୧୨ଟା ୩୦ରୁ ୧ଟା ୩୦ ମଧ୍ୟରେ ସୁନାବେଶ ସମ୍ପୂର୍ଣ୍ଣ ଓ ମହାଦୀପ ପ୍ରସ୍ତୁତି କରାଯିବ। ୧ଟା ୩୦ରୁ ୩ଟା ୩୦ ଓ ୫ଟା ୧୫ରୁ ସକାଳ ୬ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣରେ ସୁନାବେଶ ଦର୍ଶନ, ୪ଟା ୩୦ରୁ ୫ଟା ମଧ୍ୟରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରଦ୍ଧାଳୁମାନେ କିପରି ସୁଚାରୁ ରୂପେ



ଏସ୍ପି ବରୁଣ ଗୁଣ୍ଟୁପାଲି ପୋଲିସ ଅଧିକାରୀ ଓ ସେବାୟତଙ୍କ ସହ ଆଲୋଚନା କରୁଛନ୍ତି।

### ଆଖଣ୍ଡଳମଣି ପୀଠ ସମୀକ୍ଷା କଲେ ଏସ୍ପି

ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବେ, ସେଥିଲାଗି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭକ୍ତମାନଙ୍କ ଦର୍ଶନ ଲାଗି ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ଏସ୍ପି ଓ ଅତିରିକ୍ତ ଏସ୍ପି ପୀଠରେ ଉପସ୍ଥିତ ରହିବେ। ୬ ଡିଏସ୍ପିଙ୍କ ସହ ୭ ଇନ୍ସପେକ୍ଟର ଓ ୨୦ ପ୍ଲାଟୁନ ପୋଲିସ ଫୋର୍ସ ପୀଠରେ ମୁତୟନ ରହିବେ ବୋଲି ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ କହିଛନ୍ତି। ସେହିପରି ମୁଆଁ, ତିନିତର, ଧାନଖଣିଆ ଆଦି ଘାଟରେ ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍କୁ ସଜାଗ ରଖାଯାଇଛି। ଆରଡ଼ି ପାନ୍ଥନିବାସ ସମ୍ମୁଖରେ ୪ ଚକିଆ, ବସ୍ଷ୍ଟାଣ୍ଡ, ମୁଆଁ ଓ ମଠଡିହଠାରେ ୨ ଚକିଆ ଯାନ ରହିବାର ବ୍ୟବସ୍ଥା କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଫେବୃୟାରୀ, ୨୦୨୩



## ଚୋରା କାଠ ଜବତ: ଜଣେ ଗିରଫ

ସୋର,(ଡି.ଏନ୍.ଏ): ସୋର ବ୍ଲକ ନିଶ୍ଚିନ୍ତିପୁର ପଞ୍ଚାୟତ କୁଡ଼େଇ ଗ୍ରାମର ଜଣେ ଚୋରା କାଠ ବ୍ୟବସାୟୀଙ୍କ ଘର ଉପରେ ଶୁକ୍ରବାର ବନ ବିଭାଗ ଚଢ଼ାଉ କରି ବିଭିନ୍ନ କିସମର କାଠ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜଗନ୍ନାଥ ଦାସ। ସେ ନିଜ ଘରେ ଚୋରା କାଠ ରଖି ବ୍ୟବସାୟ କରୁଥିଲେ। ଖବରପାଇ ଔପଦା ରେଞ୍ଜର ବବିତା ସୋରେନଙ୍କ ସହ ଖୁଣ୍ଟାପାଟଣା ବିଟ୍ ହାଇସ୍‌ର କର୍ମଚାରୀମାନେ ଚଢ଼ାଉ କରିଥିଲେ। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କାର ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

## ସଂକ୍ଷେପରେ

### ଡିଜେ ଏକାଦଶ ଚାମ୍ପିୟନ

ଜଳେଶ୍ୱର,୧୭।୨(ଡି.ଏନ.ଏ.)- ଜଳେଶ୍ୱର ପ୍ରିମିୟର ଲିଗ୍ (ଜେପିଏଲ୍) ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚରେ ଗୌସିଆ ୱାରିଅର ଏକାଦଶ ଓ ଡିଜେ ଏକଦଶ ମଧରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ଡିଜେ ଏକାଦଶ ସୀମିତ ୧୫ ଓଭର ବ୍ୟାଟିଂ କରିଥିବା ବେଳେ ତାର ମୁକାବିଲା କରିବାକୁ ଯାଇ ଗୌସିଆ ଏକାଦଶ ୧ ଉଇକେଟରେ ପରାଜିତ ହୋଇଥିଲା। ଡିଜେ ଏକାଦଶ ଚାମ୍ପିୟନ୍ ଟ୍ରଫି ସହିତ ୩୦ହଜାର ଟଙ୍କା ନଗଦ ପାଇଥିବା ବେଳେ ଗୌସିଆ ଏକାଦଶ ରନର୍ସଅପ୍ ହୋଇ ଟ୍ରଫି ଓ ୨୦ହଜାର ନଗଦ ପାଇଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ନନ୍ଦକିଶୋର ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ସେକ୍ ସାଇଜୁଦ୍ଦିନ ସାହାଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ସଭାରେ ଫରିଦ ଅହମ୍ମଦ ଅଲ୍ଲି ସଭାପତିତ୍ୱ କରିଥିବା ବେଳେ ବିଡିଓ ପୁନମ ରାଉତ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ କନିଷ୍କ ବୋଧିସତ୍ୱ ଦାସ, ଦୁର୍ଜୟ ପାଣିଗ୍ରାହୀ, ସୁରଜିତ ଘୋଷ, ଅଜିତ୍ ଖାଁ, ଚିତ୍ତରଞ୍ଜନ ମହାନ୍ତି, ସେକ୍ ସାଜନ, ସେକ୍ ଗୋଫରାନ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁଲତାନ ଖାଁ, ଜିତେନ୍ଦ୍ର ରାଉତ ଖେଳ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ମୀର ଆବାସ ଅଲ୍ଲି ଧନ୍ୟବାଦ ଅର୍ପଣ କରିଥିଲେ।

### ଦେଢ଼ମାସ ଶିଶୁର ମୃତ୍ୟୁ

ଖୁଣ୍ଟା, ୧୭।୨ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାରଡାଙ୍ଗୁଆ ଗ୍ରାମର ଏକ ଦେଢ଼ ମାସର ଶିଶୁପୁତ୍ରର ସନ୍ଦେହଜନକ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗ୍ରାମର ଗୋବିନ୍ଦ କୁଅଁରଙ୍କ ଶିଶୁପୁତ୍ର ରିତାଂଶୁ ରାତିରେ ମା'ଙ୍କ ପାଖରେ ଶୋଇଥିଲେ। ଶୁକ୍ରବାର ଭୋର ସମୟରେ ମା'ଙ୍କ ନିଦ ଭାଙ୍ଗିବା ପରେ ଶିଶୁଟି ଅଚେତ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ପାଇଥିଲେ। ଶିଶୁକୁ ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଶିଶୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍

ପାଟଣା,୧୭।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡୁମୁରିଗୁଡ଼ା ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରୁ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଏନେଇ ପମ୍ପ ମାଲିକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଓଡି ୦୨ ବିଏଲ ୮୯୬୭ ନମ୍ବର ବିଶିଷ୍ଟ ଏକ ମାରୁତି ଆରଟିଗା ଗାଡ଼ିରେ ୫ ଜଣ ଦୁର୍ବୃତ୍ତ ପେଟ୍ରୋଲ ପମ୍ପରେ ଟାଙ୍କି ଫୁଲ କରିବା ପାଇଁ ସେଲସ୍ ମ୍ୟାନ ଲୋକନାଥ ମହାନ୍ତଙ୍କୁ କହିଥିଲେ। ଲୋକନାଥ ତେଲ ପକାଇବା ସମୟରେ ଗାଡ଼ିରୁ ଦୁଇଜଣ ବାହାରି କ୍ୟାସ କାଉଣ୍ଟରକୁ ସିକ୍ୟୁରିଟି ସନା ମୁଣ୍ଡାଙ୍କୁ ବନ୍ଧୁକ ଦେଖାଇ ଟଙ୍କା ମାଗିଥିଲେ। ଟଙ୍କା ନ ଥିବା କହିବା ପରେ ଗାଡ଼ି ପାଖକୁ ଫେରି ଆସି ସେଲସ ମ୍ୟାନଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ତାଙ୍କ ମୋବାଇଲ ଫୋନ୍ ନେଇଯାଇଥିଲେ। ପରେ ପକେଟରେଥିବା ୩ ହଜାର ୫ ଶହ ଟଙ୍କା ଲୁଟି ନେବା ସହ ୩ ହଜାର ୬୨୦ ଟଙ୍କାର ପେଟ୍ରୋଲ ଭଳି ଚମ୍ପଟ ମାରିଥିଲେ। ସେଲସମ୍ୟାନ ପମ୍ପ ମାଲିକ ତୁଷାର ରଞ୍ଜନ ସାହୁଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ମାଲିକ ତୁଷାର ଗୁରୁବାର ବିଳମ୍ବିତ ରାତିରେ ତୁରୁମୁଙ୍ଗା ଥାନାର ଏତଲା ଦେଇଥିଲେ। ପୋଲିସ(ନଂ. ୨୩/୨୩ )ରେ ଏକ ମାମଲା ରୁଜୁ କରି କରୁଥିବା ଥାନା ଅଧିକାରୀ ମଦନମୋହନ ନାଏକ କହିଛନ୍ତି।

### ଟୁଣୁଟୁଣାକୁ ଉତ୍କୃଷ୍ଟ ପାଣିପଞ୍ଚାୟତ ମାନ୍ୟତା

ଚମ୍ପୁଆ,୧୭।୨(ଡି.ଏନ୍.ଏ): ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଧମ, କ୍ଷୁଦ୍ର, ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ କେନ୍ଦୁଝର ବିଭାଜନ ଅଧୀନ ଚମ୍ପୁଆ ବ୍ଲକ୍ ଟୁଣୁଟୁଣା- ୧ ପାଣି ପଞ୍ଚାୟତକୁ ଉତ୍କୃଷ୍ଟ ପାଣି ପଞ୍ଚାୟତର ମାନ୍ୟତା ପ୍ରଦାନ କରାଯାଇଛି। ଏହି ପରିପେକ୍ଷୀରେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଚମ୍ପୁଆ ବ୍ଲକ୍ ସରେଇ ପଞ୍ଚାୟତ (୧୯୮୨-୮୩)ରେ ନାବାର୍ଡ ସହାୟତାରେ ଟୁଣୁଟୁଣାଠାରେ ଏକ ଉଠା ଜଳସେଚନ ପ୍ରକଳ୍ପ ବୈତରଣୀ ନଦୀ ନିକଟରେ କରାଯାଇଥିଲା। ପ୍ରକଳ୍ପ ମାଧମରେ ଖରିଫ ଋତୁରେ ୩୨ ହେକ୍ଟର ଜମି ଜଳ ସେଚନ କରାଯାଉଥିବା ବେଳେ ରବି ଋତୁରେ ୧୯ ହେକ୍ଟର ଜମିରେ ଜଳ ସଚେନ କରାଯାଉଛି। ପ୍ରକଳ୍ପ ଦ୍ୱାରା ୪୯ ଜଣ ଚାଷୀ ଲାଭ ପାଉଛନ୍ତି। ଜଳସେଚନ ପରିଚାଳନା, ଜଳର ସୁସମ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କୃତ କରାଯାଇଛି।

# ସହରାଞ୍ଚଳ ବିକାଶ କାମ କରିବ ଏସ୍‌ଡିସି

କେନ୍ଦୁଝର,୧୭।୨(ସ୍ୱ.ପ୍ର.)


ବୈଠକରେ ଉପସ୍ଥିତ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଏସ୍‌ଡିସି ଅଧକ୍ଷ ପ୍ରଦୀପ ମାଝି ଓ ଅନ୍ୟମାନେ।

ଆଗରୁ କେବଳ ଆଦିବାସୀ ବହୁଳ ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ଉନ୍ନୟନ କାଉନ୍‌ସିଲ(ଏସଡିସି) କାମ କରୁଥିଲା। ଚଳିତ ବର୍ଷଠାରୁ ଏହା ସହରାଞ୍ଚଳରେ ଥିବା ଅବହେଳିତ ଆଦିବାସୀ ଗ୍ରାମମାନଙ୍କରେ କାମ କରିବ। ଦିନିକିଆ ଆଦିବାସୀ ସମ୍ମିଳନୀରେ ଯୋଗଦେବାକୁ କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ପ୍ରଦୀପ ମାଝୀ ମନ୍ତବ୍ୟରେ କହିଛନ୍ତି।

କେନ୍ଦୁଝର ଜିଲାରେ ତିନି ବର୍ଷ ହେଲା ଅନ୍ୱେଶା ଯୋଜନା ବନ୍ଦ ରହିଥିବାରୁ ଗରୀବ ଆଦିବାସୀ ପିଲାମାନେ ପବ୍ଲିକ ସ୍କୁଲରେ ପାଠ ପଢ଼ିବାରୁ ବଞ୍ଚିତ ରହୁଛନ୍ତି। ଏହା ପୁର୍ନବାର କାର୍ଯ୍ୟକାରୀ ହେବା ନେଇ ନିଶ୍ଚିତ ଭାବରେ ପଦକ୍ଷେପ ନିଆଯିବ। କେନ୍ଦୁଝର ଜିଲାରେ ଏକ୍ସେଲେନ୍ସ ଯୁକ୍ତ ଦୁଇ ଉଚ୍ଚ ବିଦ୍ୟାଳୟର ଯୋଜନା ରହିଛି କି ବୋଲି ପ୍ରଶ୍ନରେ ଜିଲାରୁ ପ୍ରସ୍ତାବ ଗଲେ ନିଶ୍ଚିତ ଭାବରେ ପଦକ୍ଷେପ ନିଆଯିବ ବୋଲି ମାଝୀ କହିଥିଲେ। ସେହିପରି ଘୋଷଣା ହୋଇଥିବା ପାଉଡିଭୂୟାଁ ଉନ୍ନୟନ ଏଜେନ୍ସିକୁ ଶୀଘ୍ର କାର୍ଯ୍ୟକ୍ଷମ, ପୂର୍ବ ବର୍ଷରେ ଖର୍ଚ୍ଚ ହୋଇ ପାରି ନ ଥିବା ଅନୁଦାନ ଚଳିତ ବର୍ଷ ଖର୍ଚ୍ଚ କରିବା ସହ ଚଳିତ ବର୍ଷର ଅନୁଦାନ ଖର୍ଚ୍ଚ କରାଯିବ। ରାଜ୍ୟର ୯ ଜିଲା ପାଇଁ ପାଖାପାଖି ୨୮୦ କୋଟି ଟଙ୍କା ରହିଛି। ଆହୁରି ୩୦ କୋଟି ଆସିବ। ୧୫ ଦିନ ମଧ୍ୟରେ କାମ ଆରମ୍ଭ ହେବ। ବିଭିନ୍ନ ବର୍ଗର ଲୋକ ତଥା ବିଜ୍ଞ ଲୋକଙ୍କ ମତାମତ ଲୋଡ଼ାଯାଇ କାଉନ୍‌ସିଲ କାର୍ଯ୍ୟ କରୁଛି। ଆଦିବାସୀମାନେ କିଭଳି ନିଜକୁ ଗର୍ବର ସହିତ ଆଦିବାସୀ ବୋଲି ପରିଚୟ ଦେଇପାରିବେ। ସେମାନଙ୍କ ପରିବର୍ତ୍ତନ ଆସିପାରିବ ସେ ନେଇ ଏହି କାଉନ୍‌ସିଲ କାମ କରୁଛି। ଭାରତ ବର୍ଷରେ ଆଦିବାସୀଙ୍କ ପାଇଁ କାଉନ୍‌ସିଲ ନାହିଁ। ଓଡ଼ିଶାରେ ଏହି ବ୍ୟବସ୍ଥା ପ୍ରଥମ ବୋଲି ଅଧକ୍ଷ ମାଝୀ କହିଥିଲେ। ସ୍ଥାନୀୟ ଅଡିଟରିୟମରେ ଅନୁଷ୍ଠିତ ଆଦିବାସୀ ସମ୍ମିଳନୀରେ ବିଭିନ୍ନ ବର୍ଗର ଲୋକଙ୍କ ସହିତ ଆଲୋଚନା କରାଯାଇ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ରହିଥିଲା। ଅନ୍ୟମାନଙ୍କ ମଧରେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଏସ୍‌ଡିସି ଜିଲା ଅଧକ୍ଷା ଲକ୍ଷ୍ମୀ ମୁଣ୍ଡା, ଉପାଧକ୍ଷ ନାରାୟଣ ପୂର୍ତ୍ତି, ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କାଉନ୍‌ସିଲ ଗଠନ ସରିଥିଲେ ହେଁ ଜିଲାକୁ ଅଦ୍ୟାବଧି ଗୋଟିଏ ଟଙ୍କା ଆସିନାହିଁ। କିନ୍ତୁ ବହୁ ପ୍ରକଳ୍ପ ପ୍ରସ୍ତାବ ଜିଲା ପ୍ରଶାସନ ପାଖରେ ପଡ଼ିରହିଛି।

## ବାଲେଶ୍ୱରରେ ଖୋଲିଲା ଶ୍ରୀଲେଦର ଶୋ'ରୁମ୍


ଶୋ'ରୁମ୍ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର ଅଫିସ,୧୭।୨

ବାଲେଶ୍ୱର ସହରର ଷ୍ଟେଶନ ରାସ୍ତାରେ ଦେଶର ଅନ୍ୟତମ ପ୍ରମୁଖ ଜୋତା କମ୍ପାନୀ 'ଶ୍ରୀଲେଦର'ର ଶୋ'ରୁମ୍ ଖୋଲିଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମିଳିତ ଭାବେ ଏହି ଶୋ'ରୁମ୍‌କୁ ଉଦ୍‌ଘାଟନ କରିଛନ୍ତି।

ଉତ୍ସବରେ ଅଧିକୃତ ବିକ୍ରେତା ଯଯାତି ଦାସ ପୌରୋହିତ୍ୱ କରିବା ସହିତ ଶ୍ରୀଲେଦର ଆଉଟଲେଟ୍ ଖୋଲିବାର ଆଭିମୁଖ୍ୟ ଓ ଶୋ'ରୁମ୍‌ରେ ମିଳିବାକୁ ଥିବା ସାମଗ୍ରୀର ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାହକଙ୍କ ରୁଚିକୁ ଦୃଷ୍ଟିରେ ରଖି ସମାଜର ସବୁବର୍ଗର ଲୋକ ବିଶେଷ କରି ମହିଳା, ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ଜୋତା ସମେତ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇବାରେ ଏହି ଶୋ'ରୁମ୍ ବିଶେଷ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। 'ଶ୍ରୀଲେଦର'ର ବିଜ୍ଞାପନ ଓ ଲୋକସମ୍ପର୍କ ବିଭାଗ ମ୍ୟାନେଜର ସୌରଭ ବିଶ୍ୱାସ ଯୋଗଦେଇ କମ୍ପାନୀର ଉତ୍ପାଦିତ ଜୋତା ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ତଥା ଗୁଣବତ୍ତା ସମ୍ପର୍କରେ ସୂଚନା ଦେଇଥିଲେ। ୭୦ ବର୍ଷର ଏହି ଶ୍ରୀଲେଦର କମ୍ପାନୀର ସମ୍ପ୍ରତି ଦେଶର ମୋଟ୍ ୨୭ ଗୋଟି ଆଉଟ୍‌ଲେଟ୍ ରହିଥିବା ବେଳେ ବାଲେଶ୍ୱରର ଏହି ଶୋ'ରୁମ୍‌କୁ ନେଇ ଓଡ଼ିଶାର ସପ୍ତମ ଶୋ'ରୁମ ବୋଲି ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀର ପର୍ଚ୍ଚେଜ ମ୍ୟାନେଜର ଇମା ମହେଶ୍ୱର ରାଓ, ଅନୀଶ ଦାସ, ମନୀଷ ଦାସ ଏବଂ ଦୁର୍ଗା ରାଜକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

ବୈଶିଙ୍ଗା,୧୭।୨(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଶିଳପୁରିଆ ଗ୍ରାମରେ ବନବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ରୋକିବା ସମ୍ପର୍କରେ ଏକ ସଚେତନତା ଓ ପଦଯାତ୍ରା କରାଯାଇଛି। ବେତନଟୀ ରେଞ୍ଜର ଘନଶ୍ୟାମ ସିଂ ଗ୍ରାମବାସୀଙ୍କୁ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏଥିସହିତ ଏକ ପଦଯାତ୍ରାରେ ଜଙ୍ଗଲ ସୁରକ୍ଷା କମିଟି, ସବୁଜ ବାହିନୀ ଏବଂ ଗ୍ରାମବାସୀ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ନିକଟସ୍ଥ ଗ୍ରାମ ପରିକ୍ରମା କରିଥିଲେ।

## 'ମଞ୍ଜୁରୀରୋଡ୍, କେନ୍ଦୁଆପଦା ଷ୍ଟେଶନରେ ରହୁ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍'

### ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭଣ୍ଡାରିପୋଖରୀ,୧୭।୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ମଞ୍ଜୁରୀରୋଡ୍ ଓ କେନ୍ଦୁଆପଦା ରେଳ ଷ୍ଟେଶନରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳଙ୍କ ଦାବିପତ୍ରକୁ ଆଧାର କରି ଦୁଇ ଷ୍ଟେଶନରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ରହଣି, କେନ୍ଦୁଆପଦା ଦକ୍ଷିଣ ପାର୍ଶ୍ୱ ରେଳ କେବିନ ନିକଟରେ କେନ୍ଦୁଆପଦା-ବନ୍ତ ରାସ୍ତା ଓ ଛତାବର-ନିଳକ ରାସ୍ତାର ମଞ୍ଜୁରୀରୋଡ୍‌ଠାରେ ଉଡ଼ନ୍ତାପୋଲ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ଦୃଷ୍ଟି ଦେବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଦୁଇ ରେଳ ଷ୍ଟେଶନରେ କୌଣସି ଦ୍ରୁତଗାମୀ (ଏକ୍ସପ୍ରେସ) ରେଳ ଅଟକୁ ନ ଥିବାବେଳେ ଉଭୟ ରାସ୍ତାରେ ଉଡ଼ନ୍ତାପୋଲ ନିର୍ମାଣ ପାଇଁ ଦୀର୍ଘବର୍ଷ ଧରି ଭାଜପା ଦାବି କରି ଆସୁଛି। ଦୁଇ ଷ୍ଟେଶନ ଓ ରାସ୍ତା ଉପରେ ନିର୍ଭରଶୀଳ ଲୋକଙ୍କ ଆବଶ୍ୟକତା ପାଇଁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧଳ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ମାତନ


@ଶ୍ରୀକାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ପ୍ରତିଭା ସମ୍ମାନ ସମାରୋହ


ଜଣେ କଳାକାରଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା,୧୭।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶିରିପୁର ବାସିନ୍ଦିପୁରଠାରେ ତାରକେଶ୍ୱର ଯଜ୍ଞ କମିଟି ଆନୁକୂଲ୍ୟରେ ଚାଲିଥିବା ୬ଦିନିଆ ଦଶାବତାର ମହାଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।

ପୂର୍ବାହ୍ନରେ ତାରକେଶ୍ୱରଙ୍କ ନାମରେ ୧୦୦୮ ଆହୁତି ପ୍ରଦାନ କରାଯାଇଛି। ୨୧୭ଜଣ ପଣ୍ଡିତଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ଯଜ୍ଞରେ ମୁଖ୍ୟ ହୋତା ଦାୟିତ୍ୱରେ ବ୍ରଜକିଶୋର ଶତପଥୀ ଏବଂ ସହଯୋଗୀ ଭାବେ ରଘୁନାଥ ପାଢ଼ୀ, ମୁକ୍ତିକାନ୍ତ ପାଢ଼ୀ, ରବିନାରାୟଣ ଶତପଥୀ, ମଦନମୋହନ ପଣ୍ଡା, ଚକ୍ରଧର ଶତପଥୀ, ଦୟାନିଧି ପତ୍ରୀ, ଜନ୍ମେଜୟ ଦାଶ, ଭାରତଭୂଷଣ ଦାଶ, ଦେବଦତ୍ତ ଶତପଥୀ ପ୍ରମୁଖ ପଣ୍ଡିତଙ୍କ ଦ୍ୱାରା ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପର୍ଶୁରାମ ଶତପଥୀଙ୍କ ସ୍ମୃତିରେ ୭ଜଣ ପଣ୍ଡିତଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ସୁରେନ୍ଦ୍ର ପ୍ରସାଦ ଦଳାଇଙ୍କ ପୌରହିତ୍ୟରେ ପ୍ରତିଭା ସମ୍ମାନ ସମାରୋହ ଅୟୋଜିତ ହୋଇଥିଲା। ଯାତ୍ରା ଅଭିନେତା ଦୈତାରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବହୁ ଚଳଚ୍ଚିତ୍ର, ଧାରାବାହିକ ବ୍ୟକ୍ତିତ୍ୱ , ଶିକ୍ଷକ, କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞ କମିଟିର ସଦସ୍ୟ ଦୀପ୍ତିକାନ୍ତ ପାଢ଼ୀ, ବୈଦ୍ୟନାଥ ସାମଲ, ଦାମୋଦର ସାହୁ, ରତିକାନ୍ତ ବେହେରା, ହରିଶ ବେହେରା, ଭଗବାନ ସାହୁ, ମହେନ୍ଦ୍ର ବେହେରା, ଶଶିକାନ୍ତ ବେହେରା, ନରୋତ୍ତମ ବଳ, ତୃପ୍ତିକାନ୍ତ ପାଢ଼ୀ, ଈଶ୍ୱର ରାଉତ, ରବିନ୍ଦ୍ର ରାଉତ, ଶଙ୍କର୍ଷଣ ବେହେରା, ଚକ୍ରଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ସମୟର ସଦୁପଯୋଗ କଲେ ସଫଳତା ମିଳିବ'

ବାସୁଦେବପୁର,୧୭।୨(ଡି.ଏନ.ଏ.)



ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଛାତ୍ରୀଛାତ୍ର ସମୟର ସଦୁପଯୋଗ କଲେ ଜୀବନରେ ସଫଳତା ପାଇପାରିବେ ବୋଲି ଭଦ୍ରକ ଜିଲା ବାସୁଦେବପୁରସ୍ଥିତ ଅଟଳ ବିହାରୀ ମହାବିଦ୍ୟାଳୟର ୫୮ତମ ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଓ ପୌରାଧକ୍ଷା ନିବେଦିତା ବେହେରା ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଚନ୍ଦନ ବ୍ୟୋମକେଶ ଜେନା ସଭାପତିତ୍ୱ କରିଥିବା ବେଳେ କଲେଜ ୟୁନିୟନର ଉପଦେଷ୍ଟା ଅଧାପକ ବିଜୟ ଅଗସ୍ତି ଅତିଥି ପରିଚୟ ଓ ପ୍ରାଧାପକ କାର୍ତ୍ତିକ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## 'କେବଳ ଲାଭ ମନୋବୃତ୍ତି ନ ରହୁ'

ଭଦ୍ରକ ଅଫିସ,୧୭।୨

ଭଦ୍ରକ କଲେଜ କମର୍ସ ପିଜି ଡିପାର୍ଟମେଣ୍ଟ ପକ୍ଷରୁ ଶୁକ୍ରବାର ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ମେଘାଳୟର ନର୍ଥ ଇଷ୍ଟର୍ନ ହିଲ୍ ଅର୍ଥନୀତି ପ୍ରଫେସର ଡ. ଅମ୍ବିକା ପ୍ରସାଦ ପତି, ଆକାଉଣ୍ଟିଂ ଓ ଅର୍ଥନୀତିର ପ୍ରଫେସର ଡ. କୈଳାସ ଚନ୍ଦ୍ର ବିଶ୍ୱାଳ, ଖଡ଼ଗପୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଆସୋସିଏଟ ପ୍ରଫେସର ଡ. ଚନ୍ଦ୍ରଶେଖର ମିଶ୍ର ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଭାରତର ଅର୍ଥନୀତି, ଅର୍ଥନୈତିକ ଭବିଷ୍ୟତ ଏବଂ ଏହାର ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅର୍ଥନୈତିକ ବିକାଶ ଉପରେ ସେମାନେ ଆଲୋକପାତ କରିଥିଲେ। ବର୍ତ୍ତମାନର ଅର୍ଥନୈତିକ ସଂସ୍ଥାଗୁଡ଼ିକ ଓ ନିବେଶକମାନେ କେବଳ ଲାଭ ମନବୃତ୍ତି ନ ରଖି ସମାଜ, ପରିବେଶ ପ୍ରତି ଦୃଷ୍ଟି ଦେବା ଉଚିତ ବୋଲି କହିଥିଲେ। କଲେଜ ଅଧକ୍ଷ ସୁବୋଧ ଚନ୍ଦ୍ର ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର ଡ. ସାର୍ଥକ କୁମାର ଜେନା, ଡ. ପ୍ରତାପ ଚନ୍ଦ୍ର ସାହୁ, ଡ. ରମେଶ ଚନ୍ଦ୍ର ଦାସ, ଦୁଃଖିରାମ ନାୟକ, ରଶ୍ମିତା ବେହେରା, ସତ୍ୟନାରାୟଣ ବାରିକ, ରବୀନ୍ଦ୍ର କୁମାର ସାହୁ, ସମରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କଲେଜରୁ ଆସିଥିବା ପିଜି ଛାତ୍ରୀଛାତ୍ର ସେମିନାରରେ ଯୋଗଦେଇ ବିତର୍କରେ ଭାଗ ନେଇଥିଲେ।



ସେମିନାରରେ ଉପସ୍ଥିତ ଅତିଥି।

## ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ସିମୁଳିଆ,୧୭।୨(ଡି.ଏନ୍.ଏ.)

ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନାତନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମୁଖ୍ୟବକ୍ତା ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ପୁରୁଷୋତ୍ତମପୁର ପଞ୍ଚାୟତର ସରପଞ୍ଚ କାମିନୀଲତା ସେଠୀ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୧୦ଜଣଙ୍କୁ ବାଲିଖଣ୍ଡ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକ ବାଙ୍କବିହାରୀ ରାଉତ ମଞ୍ଚ ଆହ୍ୱାନ, ପ୍ରାଧାପକ ବିରେନ୍ଦ୍ର କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଶରତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ।

## ଧରମ ପୁଅ ନିର୍ଯାତନାରେ ମହିଳା ଅତିଷ୍ଠ

### ଏସ୍‌ପିଙ୍କୁ ଭେଟି ସୁରକ୍ଷା ଲୋଡ଼ିଲେ

କେନ୍ଦୁଝର,୧୭।୨ (ସ୍ୱ.ପ୍ର.)


ମାନୀ ଅଭିଯୋଗ ପତ୍ର ଦେଖାଉଛନ୍ତି।

ନିଜର ପୁଅ ନ ଥିବାରୁ ଧରମ ପୁଅ କରି ଆଣି ପାଳିଥିଲେ। ଏବେ ସେହି ଧରମ ପୁଅ ତାଙ୍କୁ ନିର୍ଯାତନା ଦେଉଛନ୍ତି। ନିର୍ଯାତନାରେ ଅତିଷ୍ଠ ହୋଇ ବିଧବା ମହିଳା ଜଣକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ମହିଳା ହେଲେ କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଧୀନ ପୁରୁମୁଣ୍ଡା ଗ୍ରାମର ମାନୀ ମୁଣ୍ଡା। ସେ ନିଜର ସୁରକ୍ଷା ପାଇଁ ଏସ୍‌ପିଙ୍କୁ ଭେଟି ଅଭିଯୋଗ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ତାଙ୍କର ପୁଅ ନ ଥିବାରୁ ପିଲାଟି ଦିନରୁ ଜାମାଦାର ମୁଣ୍ଡାଙ୍କୁ ଆଣି ପୁଅ ଭଳି ପାଳିଛନ୍ତି। ନିଜେ ଦୁଃଖ କଷ୍ଟ କରି ତାଙ୍କର ଲାଳନ ପାଳନ କରିଆସୁଥିଲେ। ଏପରିକି ବଡ଼ ହେବା ପରେ ଧରମ ପୁଅର ବାହାଘର ମଧ କରାଇଥିଲେ। ଗତ କିଛିଦିନ ହେଲା ଧରମ ପୁଅ ଓ ବୋହୂ ତାଙ୍କୁ ନିର୍ଯାତନା ଦେଇଆସୁଛନ୍ତି। କିଛିଦିନ ତଳେ ସେମାନେ ଏକ ମୋଟର ସାଇକେଲ କିଣି ଆଣିଦେବାକୁ ତାଙ୍କୁ କହିଥିଲେ। ସିମିତ ରୋଜଗାରରେ ଚଳିବା କଷ୍ଟକର ହୋଇଥିବା ବେଳେ ବାଇକ୍ ପାଇଁ ଟଙ୍କା ତାଙ୍କ ପାଇଁ ସାତସପନ। ଏଣୁ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ଲାଠିରେ ମାଡ଼ ମାରି ଲହୁଲୁହାଣ କରିବା ସହ ସେ ବାକ୍ସରେ ରଖିଥିବା ଟଙ୍କା ସେମାନେ ନେଇଯାଇଛନ୍ତି। ଏନେଇ ସେ ପଣ୍ଡାପଡ଼ା ଥାନାରେ ଅଭିଯୋଗ କରିଥିଲେ ହେଁ ନ୍ୟାୟ ନ ପାଇବାରୁ ଏସ୍‌ପିଙ୍କ ପାଖକୁ ଆସିଥିବା ମାନୀ କହିଥିଲେ। ଏପରିକି ଘରକୁ ଗଲେ ସେମାନେ ମାଡ଼ ମାରିବା ଭୟରେ ଫେରିବାକୁ ସେ ଅନିଚ୍ଛା ପ୍ରକାଶ କରିଥିଲେ। ହେଲେ କେଉଁଠି ଆଶ୍ରୟ ନେବେ ସେନେଇ ମଧ ସେ କିଛି କହି ପାରି ନ ଥିଲେ। ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ସୁରକ୍ଷା ଦେବାକୁ ସେ ଏସ୍‌ପିଙ୍କ ନିକଟରେ ନିବେଦନ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଏସ୍‌ପି ମିତ୍ରଭାନୁ ମହାପାତ୍ର ପଣ୍ଡାପଡ଼ା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

